# Akashvani, Sambalpur

## SAMBALPURI NEWS BULLETIN

### 24 April 2024- 6.47- 6.52 am.

*******************************************

ନିର୍ବାଚନ୍-୩ ନମ୍ବର୍ ଖେପ୍ ଆର୍ଏନ୍ୟୁ / ସମ୍ବଲପୁର

ଦେଶେ ଲୋକ୍ସଭା ନିର୍ବାଚନ୍ର ୩ ନମ୍ବର୍ ଖେପ୍ଥି ୧୨ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ନୁ ୧୩ ଶହ ୫୧ ଝନ୍ ପ୍ରାର୍ଥୀ ଭୋଟ୍ ଲଢ୍ବେ । ଇଥି ସ୍ଥଗିତ୍ ରଖାଯାଇଥିବା ମଧ୍ୟପ୍ରଦେଶ୍ର ବେତୁଲ୍ ସଂସଦୀୟ କ୍ଷେତ୍ରଥି ୮ ଝନ୍ ପ୍ରାର୍ଥୀ ରହିଛନ୍ । ସେନ୍ତା ଗୁଜୁରାଟ୍ର ସୁରତ୍ ସଂସଦୀୟ କ୍ଷେତ୍ରନୁ ଝନେ ପ୍ରାର୍ଥୀ ନିର୍ଦ୍ୱନ୍ଦଥି ନିର୍ବାଚିତ୍ ହେଇଛନ୍ । ୧୨ ଟା ଯାକ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ଲାଗି ଗଲା ୨୨ ତାରିଖ୍ ଦିନ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ର ଶେଷ୍ ତାରିଖ୍ ଥିଲା ।

ସେନ୍ତା ମେ ୧୩ ତାରିଖ୍ ଦିନ ହେବାର୍କେ ଥିବାର୍ ୪ ନମ୍ବର୍ ଖେପ୍ ଲୋକ୍ସଭା ନିର୍ବାଚନ୍ଥି ଓଡ଼ିଶାର୍ କଳାହାଣ୍ଡି, ନବରଙ୍ଗ୍ପୁର, କୋରାପୁଟ୍ ଆର୍ ବ୍ରହ୍ମପୁର୍ ଲୋକ୍ସଭା କ୍ଷେତ୍ର ଲାଗି ଏଛେନ୍ତକ୍ ୨୩ ଝନ୍ ପ୍ରାର୍ଥୀ ୩୫ ସେଟ୍ ନାମାଙ୍କନ ପତ୍ର

ଦାଖଲ୍ କରିଥିବାର୍ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ସୂତ୍ରନୁ ଜନାପଡ଼ିଛେ ।

କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ୍-ବୈଠକ୍ ଆର୍ଏନ୍ୟୁ / ସମ୍ବଲପୁର

ଭୁବ୍ନେଶ୍ୱର୍ ନ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ନ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ୍ ମାନ୍କର୍ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍ଥି ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ରାଜ୍ୟର୍ ନିର୍ବାଚନ୍ ପ୍ରସ୍ତୁତି ବାବ୍ଦେ ସବିଶେଷ୍ ତଥ୍ୟ ଦେଇଥିଲେ । ରାଜ୍ୟ ପୁଲିସ୍ ନୋଡ଼ାଲ୍ ଅଧିକାରୀ ଆର୍ ଅତିରିକ୍ତ ମହାନିର୍ଦ୍ଦେଶକ୍ ସଞ୍ଜୟ କୁମାର୍, ଅତିରିକ୍ତ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଡକ୍ଟର୍ ଏନ୍. ତିରୁମାଲ୍ଲା ନାଏକ୍ -ପର୍ଯ୍ୟବେକ୍ଷକ୍ ମାନ୍କୁ ପିପିଟି ପ୍ରେଜେଂଟେସନ୍ ଜରିଏ ବିସ୍ତୃତ ସୂଚ୍ନା ଦେଇଥିଲେ ।

ମିଡ଼ିଆ ସାର୍ଟିଫିକେସନ୍-ମନିଟରିଂ ନିୟମାବଳୀ ବୈଠକ୍

ଆର୍ଏନ୍ୟୁ / ସମ୍ବଲପୁର

ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର କାର୍ଯ୍ୟାଳୟ ନ ସ୍ୱିକୃତୀ ପାଇଥିବା ଜାତୀୟ ଆଉ ରାଜ୍ୟସ୍ତରୀୟ ରାଜନୈତିକ୍ ଦଲ୍ ମାନ୍‌କର୍ ସାଙ୍ଗେ ମିଡ଼ିଆ ସାର୍ଟିଫିକେସନ୍ ଆର୍ ମନିଟରିଂ ନିୟମାବଲୀ ବାବ୍‌ଦେ ଗଲାକାଏଲ୍ ଗୁଟେ ବୈଠକ୍ ହେଇଯାଇଛେ । ଅତିରିକ୍ତ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଡକ୍ଟର୍ ଏନ୍.ତିରୁମାଲ୍ଲା ନାଏକ୍ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ମିଡ଼ିଆ ସାର୍ଟିଫିକେସନ୍ ଆର୍ ମନିଟରିଂ ବାବଦ୍ ନିୟମାବଲୀର କାର୍ଯ୍ୟକାରିତା, ଅନୁପାଲନ୍‌ର ଭିନ୍ ଭିନ୍ ଦିଗ୍ ବିଷେ ରାଜନୈତିକ ଦଲର୍ ପ୍ରତିନିଧି ମାନ୍‌କୁ ଜନେଇଥିଲେ ।

ଖରାଛୁଟି- ପି.ଏମ୍. ପୋଷଣ୍ ଯୋଜ୍‌ନା ଆର୍‌ଏନ୍‌ୟୁ / ସମ୍ବଲପୁର

ଖରାଛୁଟିଥି ଛାତ୍ରଛାତ୍ରୀମାନ୍‌କୁ ପି.ଏମ୍. ପୋଷଣ୍ ଯୋଜ୍‌ନାଥି ଚାଉଲ୍ ଆଉ ଅଲ୍‌ଗା ଜିନିଷ୍ ଦିଆଯିବା । ମୋଟ୍ ୧୨ ଦିନର୍ ମଧ୍ୟାହ୍ନ ଭୋଜନ୍ ବାବଦ୍‌ଥି ଶୁଖା ରାସନ୍ ମିଲ୍‌ବା । ଇ ବାବ୍‌ଦେ ପି.ଏମ୍. ପୋଷଣ୍ ରାଜ୍ୟ ନୋଡ଼ାଲ୍ ଅଧିକାରୀଙ୍କ ତର୍‌ଫୁ ଜିଲ୍ଲାପାଲ୍‌ମାନ୍‌କୁ ଚିଠି ଲେଖାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଖରାକେ ନଜର୍‌ଥି ରଖିକରି ସର୍‌କାର୍

ଗଲା ୧୮ ନୁ ୨୦ ତାରିଖ୍‌ତକ୍ ୩ ଦିନ୍ ସ୍କୁଲ୍ ଛୁଟି କରିଥିଲେ । ଇତାର୍ ସହେତେ ଆଏବା କାଏଲ୍‌ନୁ ଆଗୁଆ ଖରାଛୁଟି ଘୋଷ୍‌ନା କରିଛନ୍ । ଶିକ୍ଷା କେଲେଣ୍ଡର୍ ହିସାବେ ଏପ୍ରିଲ୍ ୨୫ ନୁ ମେ ୪ ତାରିଖ୍‌ତକ୍ ହେଉଛେ କାର୍ଯ୍ୟଦିବସ୍ । ସେଥିର୍‌ଲାଗି ଛାତ୍ରଛାତ୍ରୀମାନ୍‌କୁ ମଧ୍ୟାହ୍ନ ଭୋଜନ୍ ଲାଗି ଶୁଖା ରାସନ୍ ଦିଆଯିବା ।

ସ୍କୁଲ୍ ଯତ୍ନ- ଶିକ୍ଷକ୍, ଶିକ୍ଷୟିତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଖରାଛୁଟିଥି ଶିକ୍ଷକ୍ ଶିକ୍ଷୟିତ୍ରୀମାନେ ସ୍କୁଲ୍ ଭିତିଭୂମିର ଯତ୍ନ ନେବାର୍‌କେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆଉ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ବାବ୍‌ଦେ ନିର୍ଦ୍ଦେଶାଳୟ ତର୍‌ଫୁ ଦିଆଯାଇଥିବା ଚିଠିଥି ସ୍କୁଲ୍ ନ ଲାଗିଥିବା ଫାଇଭ୍-ଟି ରୂପାନ୍ତରଣ୍ ଜିନିଷ୍‌ର ତଦାରଖ୍ ସହେତେ ଦେଖ୍‌ରେଖ୍ ଦାୟିତ୍ୱ ନେବେ ।

ବେଲେଷ୍ଟିକ୍ ମିସାଇଲ୍-ସଫଲ୍ ପରୀକ୍ଷଣ୍

ଆର୍‌ଏନ୍‌ୟୁ / ସମ୍ବଲପୁର

ଭଦ୍ରକ୍ ଜିଲ୍ଲା ଧାମ୍ରା ନ ଥିବା ଅବ୍ଦୁଲ୍ କଲାମ୍ ଦ୍ୱୀପନୁ ଗଲାକାଏଲ୍ ମଧ୍ୟମ ଧରଣର ଦୂରଗାମୀ ବେଲେଷ୍ଟିକ୍ କ୍ଷେପଣାସ୍ତ୍ରର ନୂଆଁ ସଂସ୍କରଣ୍ର ସଫଲ୍ ପରୀକ୍ଷଣ୍ କରାଯାଇଛେ । ଇ ପରୀକ୍ଷଣ୍ ନୂଆଁ ଜ୍ଞାନ୍ କୌଶଲ୍ ସହେତେ କ୍ଷେପଣାସ୍ତ୍ରର୍ ପରିଚାଲନା କ୍ଷମତାକେ ପ୍ରମାଣିତ୍ କରିଛେ ବଲି ପ୍ରତିରକ୍ଷା ମନ୍ତ୍ରଣାଲୟ ତର୍ଫୁ କୁହାଯାଇଛେ ।

ଜାତୀୟ ପଂଚାୟତ୍ରାଜ୍ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ଜାତୀୟ ପଂଚାୟତ୍ରାଜ୍ ଦିବସ୍ । ପଂଚାୟତ୍ସ୍ତରଥି ଜନପ୍ରତିନିଧିମାନ୍କୁ କ୍ଷମତା ଦେବାର୍ ସହେତେ ଲୋକ୍ମାନ୍କୁ ସଶକ୍ତ କର୍ବାର୍କେ ସେମାନ୍କର୍ ସାମାଜିକସ୍ତରଥି ଉନ୍ନତି ଲାଗି ୧୯୯୩ ମସିହା ଆଝିର୍ ଦିନେ ପଂଚାୟତ୍ ଆଇନ୍ର ସଂଶୋଧନ୍ କରାଯାଇଥିଲା । ୨୦୧୦ ମସିହା ଆଝିର୍ ଦିନୁ ଜାତୀୟ ପଂଚାୟତିରାଜ୍ ଦିବସ୍ ପାଳନ୍ ହେଇଆସୁଛେ । ଫି ବଛର୍ ଇ ଦିବସ୍ ଅବ୍ସରେ ଲୁକ୍କୁ ଭଲ୍ ସେବା ଦଉଥିବା ପଂଚାୟତ୍, ରାଜ୍ୟ ଆର୍ କେନ୍ଦ୍ରଶାସିତ୍ ଇଲାକାକେ ପଂଚାୟତିରାଜ ମନ୍ତ୍ରଣାଲୟ ସମ୍ମାନିତ୍ କର୍ସି ।

ଓଜେଇଇ                    ଆର୍‌ଏନ୍‌ୟୁ /  ସମ୍ବଲପୁର

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା- ଓଜେଇଇ ଆଏବା ମାସ ୬ ତାରିଖ୍‌ନୁ ମୁଲ୍ ହେବା । ସିବିଟି ମୋଡ଼୍‌ଥି ହେବାର୍‌କେ ଥିବା ଇ ପରୀକ୍ଷା ମେ ୧୦ ତାରିଖ୍‌ତକ୍ ଚାଲ୍‌ବା । ଫି' ଦିନ ୩ ଟା ସିଫ୍ଟ୍‌ଥି ୨ ଘଂଟା ବ୍ୟବଧାନ୍‌ଥି ପରୀକ୍ଷା ହେବା । ଆଏବା ୨୭ ତାରିଖ୍‌ନୁ ଏଡ଼ମିଟ୍‌କାର୍ଡ଼୍ ଡାଉନ୍‌ଲୋଡ଼୍ କରାଯାଇପାର୍‌ବା ବଲି ଓଜେଇଇ ତର୍‌ଫୁ କୁହାଯାଇଛେ ।

ସ୍ୱତନ୍ତ୍ର ଟ୍ରେନ୍                ସମ୍ବଲପୁର ସମ୍ବାଦଦାତା

ଖରାମାସେ ଯାତ୍ରୀଭିଡ଼୍‌କେ ନଜର୍‌ଥି ରଖିକରି ଭିନ୍ ଭିନ୍ ଜାଗାକେ ୨୬ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ ଲାଗି ପୂର୍ବତଟ ରେଲ୍‌ବାଇ ତର୍‌ଫୁ ବ୍ୟବସ୍ଥା କରାଯାଇଛେ । ଆଘୋନୁ ୨୧ ଯୋଡ଼ା ଟ୍ରେନ୍ ଚଲାବାର୍ ଲାଗି ବିଜ୍ଞପ୍ତି ବାହାରିଥିବାର୍ ବେଲେ ଗଲାକାଏଲ୍ ଆଉ ୫ ଯୋଡ଼ା ଟ୍ରେନ୍ ଲାଗି ବିଜ୍ଞପ୍ତି ବାହାରିଛେ । ଇତାର୍‌ଭିତ୍‌ରେ ସମ୍ବଲ୍‌ପୁର୍- ଇରୋଡ଼ - ସମ୍ବଲ୍‌ପୁର୍ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ରହିଛେ । ଇ ଟ୍ରେନ୍ ଆଏବା ମାସ ୧ ତାରିଖ୍‌ନୁ ଜୁନ୍

ମାସ ୨୬ ତାରିଖ୍ ଭିତ୍ରେ ଫି ବୁଧବାର୍ ଦିନ ୧୧ ବାଜିକରି ୩୫ ମିନିଟ୍ଥି ସମ୍ବଲ୍ପୁର୍ ଛାଡ୍ବା । ଫିର୍ଲା ବେଲେ ମେ ୩ ନୁ ଜୁନ୍ ୨୮ ତାରିଖ୍ ଭିତ୍ରେ ଫି’ ଶୁକ୍ରବାର୍ ଉପର୍ବେଲା ୨ ବାଜିକରି ୪୫ ମିନିଟ୍ଥି  ଇରୋଡ୍ ନୁ ବାହାର୍ବା ବଲି ସୂଚ୍ନା ମିଲିଛେ ।

ଓରିଏଂଟେସନ୍ କାର୍ଯ୍ୟକ୍ରମ      ସମ୍ବଲ୍ପୁର୍ ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲାପାଲ୍ଙ୍କର୍ ସମ୍ମିଲନୀ କକ୍ଷ ନ ଗଲାକାଏଲ୍ ନାମାଙ୍କନ୍, ଯାଂଚ୍  ଆର୍ ପ୍ରତ୍ୟାହାର୍ ବାବ୍ଦେ ଓରିଏଂଟେସନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ଙ୍କର୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ କାର୍ଯ୍ୟକ୍ରମ୍ଥି ନାମାଙ୍କନ୍ ପତ୍ର ଦାଖଲ୍, ନିର୍ବାଚନ୍ ଆୟୁକ୍ତଙ୍କର୍ ନିର୍ଦ୍ଦେଶ୍ ଅନ୍ସାରେ ଗାଡ଼ି ଆଉ ଲୋକ୍ସଂଖ୍ୟା ଉପ୍ରେ କଟ୍କନା, ଲୋକ୍ସଭା ଆଉ ବିଧାନ୍ସଭା ନିର୍ବାଚନ୍ ଲାଗି ସୁରକ୍ଷା ଜମାରାଶି, ବୈଧ ନାମାଙ୍କନ୍ ଲାଗି ଆବଶ୍ୟକତା, ଅନ୍ଲାଇନ୍ ନାମାଙ୍କନ୍ ଦାଖଲ୍, ପ୍ରାର୍ଥୀମାନ୍କର୍ ସତ୍ୟପାଠ ବାବ୍ଦେ ଆଲୋଚନା କରାଯାଇଥିଲା ।